# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 11th March - 2025

**************************************

## ମୁଖ୍ୟ ସମ୍ବାଦ

- ବିଧାନସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପାଇଁ ଉପସ୍ଥାପନ ହେଲା ୧ ହଜାର ୯୧୨ କୋଟିରୁ ଅଧିକ ଟଙ୍କାର ଖର୍ଚ୍ଚ ଦାବି

— ଗୃହରେ ବିଶୃଙ୍ଖଳିତ ଆଚରଣ ପାଇଁ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କୁ ୭ ଦିନ ପାଇଁ ନିଲମ୍ବନ କଲେ ବାଚସ୍ପତି

- ୨୦୪୭ ମସିହା ସୁଦ୍ଧା ରାଜ୍ୟରୁ ରକ୍ତଶିକୁଳୀ ଓ ରକ୍ତହୀନତା ରୋଗର ନିରାକରଣ ପାଇଁ ସରକାର ପ୍ରତିଶ୍ରୁତି ବଦ୍ଧ
- ଜିଲ୍ଲା ସ୍ତରରେ ଆଜିଠାରୁ ଆରମ୍ଭ ହେଲା ଲକ୍ଷପତି ଦିଦି କର୍ମଶାଳା

ଏବଂ

- ଶାସ୍ତ୍ରୀୟ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ଆଜି ପାଳନ କରାଯାଉଛି ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ

## ବିଧାନସଭା

ବିଧାନସଭାର ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟର ତୃତୀୟ ଦିନରେ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପାଇଁ ଆସନ୍ତା ଆର୍ଥିକବର୍ଷ ନିମନ୍ତେ ୧ ହଜାର ୯୧୨ କୋଟି ୯୭ ଲକ୍ଷ ୯୬ ହଜାର ଟଙ୍କାର ଖର୍ଚ୍ଚଦାବି ଗୃହରେ ଆଗତ କରାଯାଇ ଏହି ସମ୍ବନ୍ଧରେ ଆଲୋଚନା ଜାରି ରହିଛି। ଅପରାହ୍ଣ ଅଧିବେଶନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆସନ୍ତା ଆର୍ଥିକବର୍ଷ ପାଇଁ ଗୃହରେ ଖର୍ଚ୍ଚଦାବି ପ୍ରସ୍ତାବ ଆଗତ କରିଥିଲେ। ଅନ୍ୟପକ୍ଷରେ, ଶାସକ ଦଳ ଏବଂ ବିରୋଧୀ ସଦସ୍ୟଙ୍କ ମଧ୍ୟରେ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ଆଜି ଅପରାହ୍ନ ୪ଟା ପର୍ଯ୍ରନ୍ତ ବାଧାପ୍ରାପ୍ତ ହୋଇଥିଲା। ଗୃହ ମଧ୍ୟରେ ବିଶୃଙ୍ଖଳିତ ଆଚରଣ ପାଇଁ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ୭ ଦିନ ପାଇଁ ବିଧାନସଭାରୁ ନିଲମ୍ବନ କରାଯାଇଛି। ଅପରାହ୍ଣ ଅଧିବେଶନରେ ଶାସକ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ ଏ ସଂକ୍ରାନ୍ତୀୟ ପ୍ରସ୍ତାବ ଆଣିଥିଲେ। ବିଜେଡି ଓ ବିଜେପି ସଦସ୍ୟମାନେ ଏ ସଂକ୍ରାନ୍ତ ପ୍ରସ୍ତାବକୁ ବିରୋଧ କରି କକ୍ଷ ତ୍ୟାଗ କରିଥିଲେ। ବାଚସ୍ପତି ସୁରମା ପାଢ଼ୀ ପ୍ରସ୍ତାବକୁ ଗ୍ରହଣ କରି ତାରାପ୍ରସାଦ ବାହିନୀପତିଙ୍କୁ ନିଲମ୍ବନ କରିଛନ୍ତି।

## ବିଧାନସଭା

ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ ଯୋଜନାରେ ୨୦୨୩-୨୪ ଆର୍ଥିକବର୍ଷରେ ୪୦ଟି ରାସ୍ତା ଓ ଦୁଇଟି ସେତୁ ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିବା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି। ବିଧାନସଭାରେ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ

ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି, ସମସ୍ତ କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବାବେଳେ ଚଳିତ ଆର୍ଥିକ ବର୍ଷରେ ନିର୍ମାଣ କାର୍ଯ୍ୟ ପାଇଁ ୧୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଏହାସହ ୨୦୨୫-୨୬ ଆର୍ଥିକବର୍ଷରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ୮୨୫ କିଲୋମିଟର ରାସ୍ତା ନିର୍ମାଣ ଓ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ ଯୋଜନାରେ ୧୪୩ କିଲୋମିଟର ରାସ୍ତା ନିର୍ମାଣ କରାଯିବାର ଲକ୍ଷ୍ୟ ରହିଥିବାବେଳେ ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି।

## ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ-ରାଜ୍ୟପାଳ

ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଏହାର ସମୃଦ୍ଧ ସାରସ୍ୱତ ସମ୍ଭାର ପ୍ରତି ଉପଯୁକ୍ତ ସମ୍ମାନ ବୋଲି ରାଜ୍ୟପାଳ ହରିବାବୁ କମ୍ଭମ୍ପାଟି କହିଛନ୍ତି। ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଆୟୋଜିତ ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସରେ 'ଭାରତର ଶାସ୍ତ୍ରୀୟ ଭାଷା-ଏକ ନୂତନ ଦୃଷ୍ଟିକୋଣ' ଶୀର୍ଷକ କର୍ମଶାଳାରେ ଯୋଗଦେଇ ଶ୍ରୀ କମ୍ଭମ୍ପାଟି କହିଛନ୍ତି, ଜାତୀୟ ପରିଚୟ ପ୍ରତିଷ୍ଠାରେ ଶାସ୍ତ୍ରୀୟ ଭାଷାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଓଡ଼ିଆ ଭାଷାର ଗୌରବମୟ ପରମ୍ପରା ଭାରତର ସାହିତ୍ୟ ଓ ଦର୍ଶନକୁ ସମୃଦ୍ଧ କରିଛି। ଓଡ଼ିଶା ଦୀର୍ଘଦିନ ଧରି ସାହିତ୍ୟ, ସଂସ୍କୃତି ଏବଂ ଜ୍ଞାନର କେନ୍ଦ୍ର ଭାବେ ପରିଚିତ ହୋଇ ଆସିଛି ବୋଲି ରାଜ୍ୟପାଳ କହିଛନ୍ତି। ଶାସ୍ତ୍ରୀୟ ଭାଷାଗୁଡ଼ିକ ଆମ ଦେଶର ସଭ୍ୟତା ଏବଂ ଐତିହ୍ୟର ସ୍ତମ୍ଭ ଏବଂ ଏହିସବୁ ଶାସ୍ତ୍ରୀୟ ଭାଷା ସମୂହ ଶତାବ୍ଦୀର ଜ୍ଞାନ, ସାହିତ୍ୟ ଓ କଳାତ୍ମକ ପ୍ରକାଶନକୁ ବହନ କରୁଛି।

ସୂଚନାଯୋଗ୍ୟ, ଓଡ଼ିଆ ଭାଷାର ଉନ୍ନତି ତଥା ପ୍ରଚାର ପ୍ରସାର ପାଇଁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଆଜି ପାଳନ କରାଯାଉଛି। ପ୍ରତିବର୍ଷ ମାର୍ଚ୍ଚ ମାସ ୧୧ ତାରିଖକୁ ରାଜ୍ୟ ସରକାର ଶାସ୍ତ୍ରୀୟ  ଓଡ଼ିଆ ଭାଷା ଦିବସ ରୂପେ ପାଳନ କରିଥାନ୍ତି।

## ବିଧାନସଭା-ପାନୀୟ ଜଳ

ଗ୍ରାମାଞ୍ଚଳରେ ମୁଣ୍ଡପିଛା ଦୈନିକ ପାନୀୟ ଜଳ ଯୋଗାଣ ହାର ୭୦ ଲିଟରକୁ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ଆଜି ବିଧାନସଭାରେ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି। ସଦସ୍ୟ ଅରୁଣ କୁମାର ସାହୁଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, କେନ୍ଦ୍ର ସରକାରଙ୍କ ଜଳଜୀବନ ମିଶନ ଯୋଜନାର ମାର୍ଗଦର୍ଶିକା ଅନୁସାରେ, ରାଜ୍ୟର ଗ୍ରାମାଞ୍ଚଳରେ ମୁଣ୍ଡପିଛା ଦୈନିକ ପାନୀୟ ଜଳ ଯୋଗାଣ ହାର ୫୫ ଲିଟର ରହିଥିବାବେଳେ ରାଜ୍ୟ ସରକାରଙ୍କ ଦ୍ୱାରା ୭୦ ଲିଟର ଯୋଗାଇ ଦେବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହାସହ ରାଜ୍ୟର ଗ୍ରାମାଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କ ପାନୀୟ ଜଳ ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଭିନ୍ନ ସ୍ଥାନରେ ହସ୍ତଚାଳିତ ନଳକୂଳ ଓ ସୌରଚାଳିତ ନଳକୂପ ସ୍ଥାପନ କରାଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଲକ୍ଷପତି ଦିଦି କର୍ମଶାଳା

ରାଜ୍ୟର ସବୁ ଜିଲ୍ଲାରେ ଆଜିଠାରୁ ଲକ୍ଷପତି ଦିଦି କର୍ମଶାଳା ଆରମ୍ଭ ହୋଇଛି। ତୃଣମୂଳ ସ୍ତରରେ ଅଧିକ ଲକ୍ଷପତି ଦିଦି ସୃଷ୍ଟି  ଲକ୍ଷ୍ୟ ନେଇ ଏହି କର୍ମଶାଳାରେ ଆଲୋଚନା ଚାଲିଛି। ଏଥିସହିତ  ବିଭିନ୍ନ ସରକାରୀ ବିଭାଗର ସହଭାଗିତାରେ ସମ୍ଭାବ୍ୟ ଲକ୍ଷପତି ଦିଦିଙ୍କ କ୍ଷମତା, ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଓ

ବ୍ୟବସାୟ ବୃଦ୍ଧି ଆଦି ଉପରେ ବିଶେଷ ଦୃଷ୍ଟି ଦିଆଯାଉଛି। ଏଥିରେ ପ୍ରତ୍ୟେକ ଜିଲ୍ଲାର କମ୍ୟୁନିଟି ସପୋର୍ଟ ଷ୍ଟାଫ, ସମ୍ଭାବ୍ୟ ଲକ୍ଷପତି ଦିଦି ଓ ଲକ୍ଷପତି ଦିଦି ପ୍ରମୁଖ ଭାଗ ନେଇଛନ୍ତି। ସୂଚନାଯୋଗ୍ୟ କେନ୍ଦ୍ର ସରକାରଙ୍କ ସହଭାଗିତାରେ ଓଡ଼ିଶା ଜୀବିକା ମିଶନ ମାଧ୍ୟମରେ ରାଜ୍ୟ ସରକାର ଲକ୍ଷପତି ଦିଦି ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ବର୍ତ୍ତମାନସୁଦ୍ଧା ରାଜ୍ୟରେ ୮ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରାଯାଇଛି ଏବଂ ଆକାଂକ୍ଷୀ ଏବଂ ଆଦିବାସୀ ଜିଲ୍ଲାଗୁଡ଼ିକରେ ୧ ଲକ୍ଷ ୬୦ ହଜାରରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି।

**ଢେଙ୍କାନାଳ** ଜିଲ୍ଲା ସ୍ଥାନୀୟ ପଲିଶ୍ରୀ ମେଳା ପଡିଆଠାରେ ଏହି କର୍ମଶାଳାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ ଦେଇ କହିଛନ୍ତି, ଆଗାମୀ ୫ ବର୍ଷରେ  ରାଜ୍ୟରେ ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରାଯିବା ଲକ୍ଷ୍ୟ ରଖାଯାଇଛି।

ସୂଚନାଯୋଗ୍ୟ, ଢେଂକାନାଳ ଜିଲ୍ଲାରେ କମ୍ ସମୟ ମଧ୍ୟରେ  ୧୪ ହଜାର ଲକ୍ଷପତି ଦିଦି ହୋଇପାରିଥିବାବେଳେ ଚଳିତବର୍ଷ ୩୪ ହଜାରଙ୍କୁ ଲକ୍ଷପତି ଦିଦି  କରିବାର ଲକ୍ଷ୍ୟ ରଖାଯାଇଛି।

ରାଜ୍ୟ ମିଶନ ଶକ୍ତି ବିଭାଗ ଏବଂ **ଭଦ୍ରକ** ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ଲକ୍ଷପତି ଦିଦି ସମାରୋହ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ୫ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି ହେବା ସହ ଭଦ୍ରକ ଜିଲ୍ଲାରେ ୬୨ ହଜାର ଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି ବୋଲି ଜିଲ୍ଲାପାଳ କହିଛନ୍ତି।

**କଟକ** ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ କର୍ମଶାଳାରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ ଯୋଗଦେଇ' ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଜୀବିକା ନିର୍ବାହରୁ ଊର୍ଦ୍ଧ୍ୱକୁ ଯାଇ ଜଣେ ସଫଳ ଉଦ୍ୟୋଗୀ ହେବା ପାଇଁ ଆହ୍ୱାନ ଦେଇଛନ୍ତି। ଜିଲ୍ଲାରେ ଉପଲବ୍ଧ ହେଉଥିବା ବିଭିନ୍ନ ତାଲିମ ଯୋଜନାର ଉପଯୋଗ କରି ପରିବାରର ଆର୍ଥିକ ବିକାଶରେ ସହାୟକ ହେବାପାଇଁ ସେ ପରାମର୍ଶ ଦେଇଛନ୍ତି। ଜିଲ୍ଲାରେ ବର୍ତ୍ତମାନସୁଦ୍ଧା ୩୬ ହଜାରୁ ଅଧିକ ଲକ୍ଷପତି ଦିଦି ଚିହ୍ନଟ ହୋଇଥିବାବେଳେ ଆଗକୁ ଏହା ୯୬ ହଜାରରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରିବାର ଲକ୍ଷ୍ୟ ରହିଛି।

**ଗଜପତି** ଜିଲ୍ଲାରେ ଓଡ଼ିଶା ଜୀବିକା ମିଶନ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଲକ୍ଷପତି ଦିଦି କର୍ମଶାଳା ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି।

ଏହି କର୍ମଶାଳାରେ କେନ୍ଦ୍ର ସରକାରଙ୍କର ସହଭାଗିତାରେ ଓଡ଼ିଶା ଜୀବିକା ମିଶନ ମାଧ୍ୟମରେ ଏହା କାର୍ଯ୍ୟକାରୀ କରାଯାଉଛି। ଏହି କାର୍ଯ୍ୟକ୍ରମରେ ସଫଳ ହୋଇଥିବା ୩୦ ଜଣ ମହିଳାଙ୍କୁ ଜିଲ୍ଲାପାଳ ସମ୍ବର୍ଦ୍ଧିତ କରିଛନ୍ତି।

**କୋରାପୁଟ** ଜିଲ୍ଲାର ସ୍ଥାନୀୟ ପୁଲିସ୍ ପଡିଆଠାରେ ଜିଲ୍ଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସଏଚ୍‌ଜି ମହିଳା ଗୋଷ୍ଠୀଙ୍କ ଦ୍ୱାରା ଉତ୍ପାଦିତ ବିଭିନ୍ନ ପ୍ରକାର ସାମଗ୍ରୀର ବିକ୍ରୀବଟା ପାଇଁ

କୋଲାବ ନାମରେ ଏକ ମୋବାଇଲ୍ ଆପ୍ ପ୍ରସ୍ତୁତ କରାଯାଇଛି ବୋଲି ଜିଲ୍ଲାପାଳ ଭି.କିର୍ତ୍ତୀଭାସନ କହିଛନ୍ତି।

## ଚୋରା ବାଲି ଚାଲାଣ

ରାଜ୍ୟର ବିଭିନ୍ନ ସ୍ଥାନରେ ଚୋରା ବାଲି, ମୋରମ୍ ଓ ମାଙ୍କଡା ପଥର ଚୋରା ଚାଲାଣ ଉପରେ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ବିଭିନ୍ନ ସ୍ଥାନରେ ଚଢ଼ାଉ ସମୟରେ ୫୨୪ଟି ବାଲି ବୋଝେଇ ଯାନ ଜବତ କରାଯାଇଥିବାବେଳେ ୪୫୬ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ କହିଛନ୍ତି। ଗତ ୭ ତାରିଖରୁ ଜିଲ୍ଲା ପ୍ରଶାସନ, ଖଣି ବିଭାଗ ଓ ପୋଲିସ୍ ବିଭାଗର ମିଳିତ ସହଯୋଗରେ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଥିଲା। ଏହି କ୍ରମରେ ୩୬୦ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବାବେଳେ ୧୦୦ ରୁ ଊର୍ଦ୍ଧ୍ୱ ଲୋକଙ୍କୁ ନୋଟିସ୍ ଜାରି କରାଯାଇଥିବା ଶ୍ରୀ ଖୁରାନିଆ କହିଛନ୍ତି।

## ରକ୍ତଶିକୁଳି

କେନ୍ଦ୍ର ସରକାର ୨୦୪୭ ମସିହା ସୁଦ୍ଧା ରକ୍ତ ଶିକୁଳୀ ଓ ରକ୍ତ ହୀନତା ରୋଗର ନିରାକରଣ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଅନୁସୂଚିତ ଜନଜାତି ଓ ଜାତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଭୁବନେଶ୍ୱରଠାରେ 'ସିକିଲ ସେଲ୍ ଏବଂ ଥାଲାସେମିଆ ନିରାକରଣ' ବିଷୟବସ୍ତୁକୁ ନେଇ ଆୟୋଜିତ ଦୁଇଦିନିଆ ଜାତୀୟ ସ୍ତରୀୟ କର୍ମଶାଳାକୁ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ଏହି ରୋଗରେ ଆକ୍ରାନ୍ତ କୌଣସି ଶିଶୁ ଯେପରି ଚିକିତ୍ସାରୁ ବଂଚିତ ନ ହୁଅନ୍ତୁ ଏହା ସରକାରଙ୍କ ମୂଳ ଲକ୍ଷ୍ୟ। ରାଜ୍ୟ ସରକାର ଏହି ମିଶନରେ ସକ୍ରିୟ ଅଂଶଗ୍ରହଣ କରି ଦୂରଦୂରାନ୍ତ ଜନଜାତି ଅଂଚଳରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଏବଂ ବିହିତ ଚିକିତ୍ସା ଜାରି ରଖିଛନ୍ତି। କାର୍ଯ୍ୟକ୍ରମରେ

ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ଏହି ରୋଗ ସମ୍ପର୍କରେ ତଥ୍ୟ ପ୍ରଦାନ କରି କହିଛନ୍ତି, ଓଡ଼ିଶାର ୯ ରୁ ୨୨ ପ୍ରତିଶତ ଆଦିବାସୀ ଜନସଂଖ୍ୟା  ବହୁଳ ଜିଲ୍ଲାରେ ସିକିଲ ସେଲ୍ ରୋଗର ଦୃଷ୍ଟାନ୍ତ ପରିଲକ୍ଷିତ ହୋଇଥାଏ ।

## କୃଷି ଅର୍ଥନୀତିରେ ମହିଳା

କୃଷି ଅର୍ଥନୀତିକୁ ସୁଦୃଢ଼ କରିବାରେ ମହିଳାଙ୍କ ଭାଗୀଦାରି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ତଥା ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି । ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ (ସିଓ୍ୱା)ଠାରେ ଆୟୋଜିତ ୩ ଦିନିଆ ବିଶ୍ୱ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି, ଚାଷରୁ ଅମଳ, ବିହନ ବୁଣିବାଠାରୁ ବିପଣନ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ମହିଳା ଚାଷୀଙ୍କର ପ୍ରତ୍ୟକ୍ଷ ଯୋଗଦାନ ରହିଛି । କୃଷି କ୍ଷେତ୍ରରେ  ଲିଙ୍ଗଗତ ସମାନତା, ମହିଳା ସଶକ୍ତୀକରଣ ଏବଂ ଅନ୍ତର୍ଭୁକ୍ତୀକରଣ ନୀତି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକର ସମାଧାନ ପାଇଁ ଏହି ସମ୍ମିଳନୀ ଏକ ପ୍ରକୃଷ୍ଟ ମଂଚ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ ।